# 2017

Full Marks - 80

Time - 3 hours

The figures in the right-hand margin indicate marks

Answer *all* questions

୧. ଯେ କୌଣସି ***ତିନୋଟିର*** ଉତ୍ତର ୬୦୦ ରୁ ୭୦୦ ଶବ୍ଦ ମଧ୍ୟରେ ପ୍ରଦାନ କର । ୩ × ୧୨

କ) ସୁଭାଷଣ କ'ଣ ? ପ୍ରାୟୋଗିକ କ୍ଷେତ୍ରରେ ଏହାର ବୈଶିଷ୍ଟ୍ୟ ସୋଦାହରଣ ପ୍ରଦାନ କର ।

ଖ) ''ଶବ୍ଦ ପଶ୍ଚାତ୍‌ରେ ଲୋକାଚାର ଓ ସାଂସ୍କୃତିକ ପରଂପରା ଥାଏ'' - ସଦୃଷ୍ଟାନ୍ତ ଏ ଉକ୍ତିର ଖଣ୍ଡନ ବା ମଣ୍ଡନ କର ।

ଗ) ବନାନଗତ ଅଶୁଦ୍ଧିର କାରଣାବଳୀ ନିର୍ଦ୍ଦେଶପୂର୍ବକ ତା'ର ନିରାକରଣ ସଂପର୍କରେ ଏକ ପ୍ରବନ୍ଧ ରଚନା କର ।

ଘ) ଉଚ୍ଚାରଣ ପଦ୍ଧତି ଦୃଷ୍ଟିରୁ ଓଡ଼ିଆ ବ୍ୟଞ୍ଜନ ବର୍ଣ୍ଣଗୁଡ଼ିକର ପରିଚୟ ଓ ବର୍ଗୀକରଣ ପ୍ରଦାନ କର ।

ଙ) ଓଡ଼ିଆ ବାକ୍ୟକୁ କେତେ ଭାଗରେ ବିଭକ୍ତ କରାଯାଇପାରେ ? ଏହାର ପ୍ରୟୋଗ ଚାତୁରୀ ସଂପର୍କରେ ଉଦାହରଣ ମାଧ୍ୟମରେ ବୁଝାଅ ।

୨. ଯେ କୌଣସି *ତିନୋଟିରି* ଉତ୍ତର ୩୦୦ ଶବ୍ଦ ମଧ୍ୟରେ ଲେଖ : ୩ × ୮

କ) ବିରାମ ଚିହ୍ନ ସହ ଭାଷିକ କଳାର ସଂପର୍କ ନିରୂପଣ କର ।

ଖ) ଓଡ଼ିଆ ଅକ୍ଷରତତ୍ତ୍ୱ ସଂପର୍କରେ ସୋଦାହରଣ ଆଲୋଚନା କର ।

ଗ) କୋଟି (Degree) ସଂପର୍କରେ ସଦୃଷ୍ଟାନ୍ତ ଆଲୋଚନା କର ।

ଘ) କଟୁତା, ଅପ୍ରିୟତା ଓ ଜୁଗୁପ୍‌ସା ବାଚକ ଭାବନା ବନାମ ସାଂସ୍କୃତିକ ପ୍ରେରଣା ।

ଙ) ପ୍ରଥାନୁମୋଦିତ ଯେ କୌଣସି ଚତୁର୍ବିଧ ପଦ ସଂପର୍କରେ ପ୍ରତ୍ୟେକ ବିଭାଗରୁ ଚାରିଗୋଟି ଲେଖାଏଁ ଉଦାହରଣ ଦେଇ ବୁଝାଅ ।

୩. ଯେ କୌଣସି *ତିନିଗୋଟିରି* ଉତ୍ତର ୫୦ ଶବ୍ଦ ମଧ୍ୟରେ ପ୍ରକାଶ କର :
୩ × ୫

କ) ପ୍ରଥମ ଛେଦ ଓ ରେଖାର ଲିଖିତ ପ୍ରୟୋଗ ବିଧି ସଂପର୍କରେ ସଂକ୍ଷେପରେ ଆଲୋଚନା କର ।

ଖ) ବର୍ଣ୍ଣ ଓ ଧ୍ୱନି ମଧ୍ୟରେ ପ୍ରଭେଦ ଦର୍ଶାଇ ଓଡ଼ିଆ ବର୍ଣ୍ଣ ବିଭାଜନ ସଂପର୍କରେ ନାତିଦୀର୍ଘ ଆଲୋଚନା କର ।

ଗ) ବୈୟାକରଣିକ ଦୃଷ୍ଟିରୁ ନିଷେଧ ଓ ନିଶ୍ଚୟନ ସଂପର୍କରେ ବୁଝାଇ ଲେଖ ।

ଘ) ସାଂସ୍କୃତିକ ପରଂପରା ବନାମ 'କୁ' ଶକ୍ତିର ପରାଭବ ।

ଙ) ଲୋକାଚାର ମୂଳକ ଶବ୍ଦ ଓ ତାହାର ବ୍ୟବହାର ସଂପର୍କରେ ସଂକ୍ଷେପରେ ଆଲୋଚନା କର ।

୪. ଯେ କୌଣସି ***ପାଞ୍ଚଟିର*** ଗୋଟିଏ ଶବ୍ଦ ବା ଗୋଟିଏ ବାକ୍ୟରେ ପ୍ରକାଶ କର । ୫ × ୧

କ) 'ସୁଭାଷଣ'ର ଇଂରାଜୀ ପ୍ରତିଶବ୍ଦଟି କ'ଣ ?

ଖ) ଓଡ଼ିଆ ଉତ୍‌କ୍ଷିପ୍ତ ଧ୍ୱନି ଗୁଡ଼ିକର ପରିଚୟ ପ୍ରଦାନ କର ।

ଗ) ଓଡ଼ିଆ ବର୍ଣ୍ଣମାଳାରେ ଖଣ୍ଡ ଓ ଖଣ୍ଡେତର ଧ୍ୱନିଗ୍ରାମଗୁଡ଼ିକ ଚିହ୍ନାଅ ।

ଘ) ଭ୍ରମ ସଂଶୋଧନ କରି ଲେଖ (ଦୁଇଟିର) :

ଦୁର୍ଦମନୀୟ, ନିରୁଦ୍ଧିଷ୍ଟ, ବୁଦ୍‌ବୁଦ୍, ମୃଗୁଣୀ ।

ଙ) ଅଗୋଲାକାର ସଂବୃତ ସ୍ୱରଧ୍ୱନିର ନାମ ଲେଖ ।

ଚ) ଅପଭାଷଣକୁ ସୁଭାଷଣ କିପରି ବଦଳାଏ, ଉଦାହରଣ ଦେଇ ବୁଝାଅ ।

ଛ) ଭ୍ରମ ଥିଲେ ସଂଶୋଧନ କର :

ମନଃସ୍ଥ, ମନୋଦୁଃଖ ।

ଜ) ଭେଦକ କ'ଣ ? ଉଦାହରଣ ସହ ବୁଝାଇ ଦିଅ ।

III-UG-ODI(CC)-VII

# 2018

Full Marks - 80

Time - 3 hours

The figures in the right-hand margin indicate marks

Answer *all* questions

୧. ଯେ କୌଣସି *ତିନୋଟିର* ଉତ୍ତର ୬୦୦ ରୁ ୭୦୦ ଶବ୍ଦ ମଧ୍ୟରେ ଲେଖ । 12 × 3

କ) 'ସୁଭାଷଣ'ର ସଂଜ୍ଞା ଲେଖି, ଏହାର ଉପଯୋଗୀତା ସଂପର୍କରେ ଏକ ପ୍ରବନ୍ଧ ଲେଖ ।

ଖ) ପାରିବାରିକ ଓ ଶୈକ୍ଷିକ କ୍ଷେତ୍ର ବାହାରେ ବ୍ୟାପକ ସାଂସ୍କୃତିକ କ୍ଷେତ୍ର ଏକ ନିର୍ଦ୍ଦିଷ୍ଟ ଭାଷାର ଶବ୍ଦ ରାଶିକୁ ପ୍ରଭାବିତ କରିଥାଏ – ଆଲୋଚନା କର ।

ଗ) ଶୁଦ୍ଧ ଲିଖନର କେତୋଟି କୌଶଳ ଉଲ୍ଲେଖ କର ।

ଘ) ଓଡ଼ିଆ ସ୍ୱରବର୍ଣ୍ଣ ଗୁଡ଼ିକର ବର୍ଗୀକରଣ କର ।

ଙ) ବାକ୍ୟ କେତେ ପ୍ରକାର ଦର୍ଶାଇ ପ୍ରତ୍ୟେକରୁ ଦୁଇଟି ଲେଖାଏଁ ଉଦାହରଣ ଦିଅ ।

୨. ଯେ କୌଣସି *ତିନୋଟିର* ଉତ୍ତର ୩୦୦ ଶବ୍ଦ ମଧ୍ୟରେ ଲେଖ ।  ୮×୩

କ) ସୃଜନାତ୍ମକ ଲିଖନର ଆବଶ୍ୟକତା ।

ଖ) ଗଣମାଧ୍ୟମର ଭାଷା ।

ଗ) ଧ୍ୱନ୍ୟାତ୍ମକ ଶବ୍ଦ କହିଲେ କ'ଣ ବୁଝ ?

ଘ) ବିରାମ ଚିହ୍ନଟିଏ ଲେଖି ତା'ର ଆବଶ୍ୟକତା ସଂପର୍କରେ ବୁଝାଅ ।

ଙ) ଗୋଟିଏ ପୂର୍ଣ୍ଣ ବାକ୍ୟ ରଚନା ପାଇଁ କି କି ଉପାଦାନ ଆବଶ୍ୟକ, ବୁଝାଇ ଲେଖ ।

୩. ଯେ କୌଣସି *ତିନୋଟିର* ଉତ୍ତର ୫୦ ଶବ୍ଦ ମଧ୍ୟରେ ଲେଖ ।  ୫×୩

କ) ସୁଭାଷଣ ଓଡ଼ିଆ ସାମାଜିକ ବନ୍ଧନର ମୁଖ୍ୟ କାରଣ କାହିଁକି ?

ଖ) ବନାନ ଅଶୁଦ୍ଧି ହେବାର କେତୋଟି କାରଣ ଲେଖ ।

ଗ) ବ୍ୟାକରଣରେ ଧ୍ୱନି କାହାକୁ କହନ୍ତି ? ଓଡ଼ିଆରେ ଏହା କେତେ ପ୍ରକାର ।

ଘ) ଗୋଟିଏ ଜଟିଳ ବାକ୍ୟର ଗଢ଼ଣ ପ୍ରକ୍ରିୟା ଲେଖ ।

ଙ) ବର୍ଗ୍ୟ ବ୍ୟଞ୍ଜନ ଓ ଅବର୍ଗ୍ୟ ବ୍ୟଞ୍ଜନ କ'ଣ ? ଉଦାହରଣ ଦିଅ ।

୪. ଯେ କୌଣସି *ପାଞ୍ଚୋଟିର* ପ୍ରଶ୍ନର ଉତ୍ତର ଗୋଟିଏ ଶବ୍ଦ ବା ଗୋଟିଏ ବାକ୍ୟରେ ଦିଅ । ୧ × ୫

କ) ଅପଭାଷଣ କ'ଣ ?

ଖ) ଯୋଗା-ରୂଢ଼ ଶବ୍ଦ କାହାକୁ କୁହାଯାଏ ?

ଗ) ଓଡ଼ିଆର ସ୍ପର୍ଶ ସଂଘର୍ଷୀ ଧ୍ୱନି କିଏ ।

ଘ) ସ୍ୱରସୀମା କ'ଣ ?

ଙ) 'ଭେଦକ' କହିଲେ କ'ଣ ବୁଝ ?

ଚ) ଯେ କୌଣସି *ଦୁଇଟିର* ଭ୍ରମ ସଂଶୋଧନ କରି ଲେଖ ।
ପରୀସ୍କାର, ପ୍ରତ୍ୟୋହ, ବାକ୍‌ଦେବୀ, ବିଛେଦ, ଦୂରାବସ୍ଥା ।

ଛ) କେଉଁ ଚିହ୍ନ ଶବ୍ଦ ପ୍ରୟୋଗକୁ ନିୟନ୍ତ୍ରଣ କରେ ଓ ଭାବର ସୂଚନା ଦିଏ ।

ଜ) ଚାରିଗୋଟି ବହୁ ପ୍ରଚଳିତ ସାଂସ୍କୃତିକ ଶବ୍ଦ ଲେଖ ।

III-UG-ODI(CC)-VII (NC)

# 2021

Full Marks - 80

Time - 3 hours

The figures in the right-hand margin indicate marks

Answer *all* questions

୧. ଓଡ଼ିଆ ବର୍ଗ୍ୟବ୍ୟଂଜନ ବର୍ଣ୍ଣଗୁଡ଼ିକର ଧ୍ୱନିତାତ୍ତ୍ୱିକ ପରିଚୟ ଓ ଅକ୍ଷର ତାତ୍ତ୍ୱିକ ପରିଚୟ ପ୍ରଦାନ କର । ୧୫

ଅଥବା

ବାକ୍ୟର ବିବିଧ ଭେଦ ସଂପର୍କରେ ସଦୃଷ୍ଟାନ୍ତ ଆଲୋଚନା କର ।

୨. କୃଦନ୍ତ କ'ଣ ? ବିବିଧ କୃଦନ୍ତ ପ୍ରତ୍ୟୟର ବୈଶିଷ୍ଟ୍ୟ ବିଚାର କର । ୧୫

ଅଥବା

ବିଭକ୍ତିର ପ୍ରକାର୍ଯ୍ୟ ଦର୍ଶାଇ ବିଭକ୍ତି ପ୍ରତ୍ୟୟର ରୂପତାତ୍ତ୍ୱିକ ଭୂମିକା ସଂପର୍କରେ ଆଲୋଚନା କର ।

୩. ଉପସର୍ଗର ସ୍ୱରୂପ ଓ ପ୍ରକାରଭେଦ ଦର୍ଶାଅ । ୧୫

ଅଥବା

ତ୍ରିବିଧ ସଂଧି ସଂପର୍କରେ ସଦୃଷ୍ଟାନ୍ତ ଆଲୋଚନା କର ।

୪. ଓଡ଼ିଆ ଶବ୍ଦ ଭଣ୍ଡାରରେ ତତ୍ସମ, ତଦ୍ଭବ ଓ ଅର୍ଦ୍ଧତତ୍ସମ ଶବ୍ଦର ସ୍ୱରୂପ ଆଲୋଚନା କର । ୧୫

ଅଥବା

ଇଂରେଜୀ ଓ ପର୍ତ୍ତୁଗୀଜ୍ ଶବ୍ଦ ଦ୍ୱାରା ଓଡ଼ିଆ ଶବ୍ଦ ଭଣ୍ଡାର କିପରି ସମୃଦ୍ଧ ହୋଇଛି ଆଲୋଚନା କର ।

୫. ନିମ୍ନୋକ୍ତ ଯେ କୌଣସି ଦଶଟିର ସଂକ୍ଷିପ୍ତ ଟିପ୍ପଣୀ ବା ସଂକ୍ଷିପ୍ତ ଉତ୍ତର ପ୍ରଦାନ କର : ୨ × ୧୦

କ) କରଣ କାରକ ଓ ଅଧିକରଣ କାରକ ମଧ୍ୟରେ ପ୍ରଭେଦ ଦର୍ଶାଅ ।

ଖ) ଷଷ୍ଠ, ସ୍ନିଗ୍ଧ-ସଂଧି ନିରୂପଣ କର ।

ଗ) ଅର୍ଦ୍ଧସ୍ୱର କ'ଣ ? ବୁଝାଅ ।

ଘ) ଦ୍ୱିସ୍ୱରର ବୈଶିଷ୍ଟ୍ୟ ବୁଝାଅ ।

ଙ) 'ବହୁବ୍ରୀହି' ଓ 'ମହାପାପୀ' ଶବ୍ଦର ସମାସ ନିରୂପଣ କର ।

ଚ) ଆଶ୍ରିତ ବାକ୍ୟ କ'ଣ ? ଦୃଷ୍ଟାନ୍ତ ଦେଇ ବୁଝାଅ ।

ଛ) ଦ୍ୱନ୍ଦ୍ୱ ସମାସ କ'ଣ ? ବୁଝାଅ ।

ଜ) ସାୟା, ଚାବି, ଗୁଦୁଡ଼ି, ଆଲପିନ୍ - ଏ ସବୁର ମୂଳ ଭାଷା ନିରୂପଣ କର ।

ଝ) ‘ବି’ ଉପସର୍ଗର ବିବିଧ ପ୍ରୟୋଗ ଦର୍ଶାଅ ।

ଞ) କର୍ମକାରକ ଓ ନିବାରଣ କାରକ ମଧ୍ୟରେ ପ୍ରଭେଦ ଦର୍ଶାଅ ।

ଟ) ତାଲବ୍ୟ ସଘୋଷ ମହାପ୍ରାଣ ଓଡ଼ିଆ ବ୍ୟଂଜନ ଧ୍ୱନିର ନାମ ଲେଖ ।

ଠ) ‘ଙ’ର ଧ୍ୱନିତାତ୍ତ୍ୱିକ ପରିଚୟ ପ୍ରଦାନ କର ।

ଡ) ‘ଯଜ୍ଞ’ ସଂଧିବିଚ୍ଛେଦ କର ।